### ବ୍ୟାଙ୍କ ମିତ୍ରଙ୍କୁ ମିଳିଲା ମାଗଣା ଲାପଟ୍‌ପ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବ୍ୟାଙ୍କ ମିତ୍ର

ପିପିଲି, ୮ ।୨(ସମିସ)



ଆଜି ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପିପିଲି ବ୍ଲକର କାର୍ଯ୍ୟରତ ବ୍ୟାଙ୍କ ମିତ୍ର ମାନଙ୍କୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପକ୍ଷରୁ ଲାପଟ୍‌ପ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଫେଡ଼ରେସନର ସମ୍ପାଦିକା ନିରୁପମା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଯୋଗ ଦେଇ ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ଆଜି ପ୍ରତ୍ୟେକ ମା'ମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ବ୍ୟାଙ୍କ ମିତ୍ରଙ୍କ ମାଧ୍ୟମରେ ଆଜି ପ୍ରତ୍ୟେକ ମହିଳା ବ୍ୟାଙ୍କରୁ ସହଜରେ ଋଣ ପାଇ ନିଜ ପରିବାର ଆର୍ଥିକ ସ୍ଥିତି ସୁଧାର କରିପାରିଛନ୍ତି ବୋଲି କହିଥିଲେ।ଅନ୍ୟତମ ଅତିଥି ଭାବରେ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ କିଶୋର ଛୋଟରାୟ ସାଂସଦଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ ବିଡ଼ିଓ ସରୋଜ କୁମାର ରାଉତ ବ୍ଲକ ଅଧ୍ୟକ୍ଷା ଦେବସ୍ମିନି ନନ୍ଦ ଉପାଧ୍ୟକ୍ଷ ପ୍ରଫୁଲ କୁମାର ସ୍ୱାଇଁ ଜିଲ୍ଲା ପରିଷଦ ସଭ୍ୟ ଧରଣୀ ଧର ସାହୁ ଶୁଶାନ୍ତ ମଲ୍ଲିକ ବ୍ଲକ ମିଶନ ଶକ୍ତି ର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣ ମିଶ୍ର ମିଶନ ଶକ୍ତି ସଂଯୋଜିକା ଶୁଶ୍ରୀ ସଂଗିତା ସାମନ୍ତରାୟ ସିଡ଼ିପିଓ ତପସ୍ୱିନୀ ସୁନା ବିପିଏମ ବବିତା ଜେନା ବିଏଲସି ରଶ୍ମି ରଞ୍ଜିତା ପ୍ରଧାନ ପ୍ରମୁଖ ଯୋଗଦେଇ ବ୍ୟାଙ୍କ ମିତ୍ରମାନଙ୍କୁ ନିଜର ଦାୟିତ୍ୱ ଏବଂ କର୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବଏହି ଅବସରରେ ୨୫ଟି ପଞ୍ଚାୟତର କାର୍ଯ୍ୟରତ ୧୮ ଜଣ ବ୍ୟାଙ୍କ ମିତ୍ରଙ୍କୁ ଲାପଟ୍‌ପ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ମିତ୍ରଙ୍କ ପକ୍ଷରୁ ମମତା ଜେନା ଶାନ୍ତିଲତା ନାୟକ ଅନୁପମା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚାରିଛକ ଥାନା ପକ୍ଷରୁ ଖୋଲିଲା ଅନ୍ତଃଜିଲ୍ଲା ତନଖି ଫାଟକ

**ନିମାପଡ଼ା, ୮।୨ (ସମିସ):** ଚାରିଛକ ଥାନା ଅଧିନ ଚାରିଛକ-ନିଆଳୀ ରାସ୍ତାର ଚାରିଛକ ପୂରୁଣା ଫାଣ୍ଡିଛକ ନିକଟରେ ଗୁରୁବାର ଚାରିଛକ ଥାନା ପକ୍ଷରୁ ଆନ୍ତଃଜିଲ୍ଲା ତନଖି ଫାଟକ ଖୋଲାଯାଇଛି। ଆଗକୁ ଆସୁଥିବା ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ଅପରାଧିମାନଙ୍କ ଗତି ବିଧିକୁ ଅନୁସନ୍ଧାନ ପାଇଁ ଫାଟକ ଖୋଲାଯାଇଛି। ତେଣୁ ଅପରାଧିମାନଙ୍କୁ ଦମନ କରିବାକୁ ବିଭିନ୍ନ ସ୍ଥାନରେ ଆନ୍ତଜିଲ୍ଲା ଫାଟକ ନିର୍ମାଣ କରାଯାଉଛି। ତନକି ଫାଟକ ହେବାପରେ ଚାରିଛକ ଥାନାରେ ଯୋଗଦେଇଥିବା ନୂତନ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡି କରିଛନ୍ତି। ଥାନା ଅଧିକାରୀଙ୍କ ସହିତ ଏସଆଇ ସ୍ୱପ୍ନେଶ କୁମାର ପଟ୍ଟନାୟକ, ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅସ୍ଥାୟୀ ଆଉଟ୍‌ପୋଷ୍ଟଟି ନିର୍ବାଚନ ସରିବା ପର୍ଯ୍ୟନ୍ତ ରହିବ ବୋଲି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।



## ଚାରିଛକ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ଚାରିଛକ, ୮।୨(ସମିସ):** ଚାରିଛକ ଥାନାରେ ନୂତନ ଥାନା ଅଧିକାରୀ ଭାବେ ସଂଗ୍ରାମ କେଶରୀ ସ୍ୱାଇଁ ଓ ଏସ୍‌ଆଇ ଭାବେ ସ୍ୱପ୍ନେଶ ପଟ୍ଟନାୟକ ଯୋଗଦାନ କରିଛନ୍ତି। ଶ୍ରୀ ସ୍ୱାଇଁ ଅସ୍ତରଙ୍ଗରୁ ବଦଳି ହୋଇ ଆସିଥିବା ବେଳେ ଏସ୍‌ଆଇ ଶ୍ରୀ ପଟ୍ଟନାୟକ ପୁରୀ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରୁ ବଦଳି ହୋଇ ଆସିଛନ୍ତି। ଚାରିଛକ ଥାନାରେ ଥିବା ଓ ଆଇସି ମମତା ବିଶ୍ୱାଳ ଓ ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ପିପିଲି ଥାନାକୁ ବଦଳି ହୋଇଯାଇଛି। ନୂତନ ଭାବେ ଯୋଗଦେଇଥିବା ଉଭୟ ଅଧିକାରୀଙ୍କୁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଚାରିଛକ ଅଞ୍ଚଳର ଜନସାଧାରଣଙ୍କୁ ସଠିକ ନ୍ୟାୟ ପ୍ରଦାନ କରାଯିବା ସହ ଅଞ୍ଚଳରେ ଆଇନଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଥାନା ଅଧିକାରୀ ଶ୍ରୀସ୍ୱାଇଁ ଓ ଏସଆଇ ଶ୍ରୀପଟ୍ଟନାୟକ ପ୍ରକାଶ କରିଛନ୍ତି।



## ଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କ ବାର୍ଷିକ ଉତ୍ସବ

**କଣାସ, ୮ ।୨(ସମିସ):** କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତ ପନାଖିରୀ ଗ୍ରାମରେ ଶ୍ରୀଲକ୍ଷ୍ମୀ ନାରାୟଣ ଦେବଙ୍କ ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ସକାଳେ ବାଜାବାଣ ସଂକୀର୍ତ୍ତନ ମଣ୍ଡଳୀ ସହିତ ଘୋଡା ନାଚ, ବାଘନାଚ, ପରି ନୃତ୍ୟ ଓ ପଟୁଆର ସହିତ ୧୦୮ କଳସ ଯାତ୍ରା ବୀରକେଶରପୁରର ସେତୁଠାରୁ ମଲାଗୁଣୀ ନଦୀରୁ ଜଳକଳସ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଧେନୁପୂଜା, ସାଲାପୂଜା ଓ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବୁଧବାର ସଂଧରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଛି। ରଜନୀକାନ୍ତ ପରିଡ଼ା କର୍ତ୍ତା ଓ ଦେଶକଲ୍ୟାଣୀ ପରିଡ଼ା କର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସୁଦର୍ଶନ ଷଡଙ୍ଗୀ, ଲିଙ୍ଗରାଜ ମହାପାତ୍ର ଓ ସାଥୀମାନେ ଯଜ୍ଞ ଓ ବେଦମନ୍ତ୍ର କରିଥିଲେ।

## ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ନୟାହାଟ, ୮ ।୨(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନାର ନୂତନ ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଓ ଏ ଏସଆଇ ସୁପ୍ନେଷ କୁମାର ପଟ୍ଟନାୟକଙ୍କୁ ଚାରିଛକ ପ୍ରେସ୍ କ୍ଲବର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଚାରିଛକ ଥାନା ଅଞ୍ଚଳରେ ଥିବା ସମସ୍ୟା ଯଥା ଟ୍ରାଫିକ ଜନିତ ସମସ୍ୟା, ବେଆଇନ ଗୋରୁ ଓ ଗୋମାଂସ ଚାଲାଣ, ବରିଷ୍ଠ ନାଗରିକଙ୍କୁ ସୁରକ୍ଷାଦେବା ସହ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପ୍ରମୁଖ ଉପରେ କଡା ନଜର ଦିଆଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଚାରିଛକ ପ୍ରେସ୍ କ୍ଲବର ସଭାପତି ଶିଶିର କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତଥା ପରିବେଶବିତ୍ ଡକ୍ଟର କେଦାରନାଥ ସାହୁ, ସହ ସମ୍ପାଦକ ସନ୍ତୋଷ କୁମାର ଦାସ, ବସନ୍ତ କୁମାର ମଲ୍ଲ ଶଶିକାନ୍ତ ତ୍ରିପାଠୀ, ଉପଦେଷ୍ଟା ସନାତନ ପାତ୍ର, ଆଇ ଆର ଏସ ଚନ୍ଦ୍ରକାନ୍ତ ଦଳାଇ, ସାମ୍ବାଦିକ ପ୍ରତାପ କୁମାର ମଲ୍ଲିକ, ରଞ୍ଜିତ କାଣ୍ଡି କୈଳାସ ଚନ୍ଦ୍ର ପାତ୍ର, ରଶ୍ମିରଞ୍ଜନ ସାହୁ, ଆଶିଷ କୁମାର ମିଶ୍ର, ସରିତାଞ୍ଜଳି ନାୟକ, ଉମାକାନ୍ତ ଭୋଇ, ବିନୋଦ ପ୍ରଧାନ, ଜୀବନ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ

## 'ନିଜର ମାତୃଭାଷା ଓ ସଂସ୍କୃତିକୁ ଭୁଲିଯାଅନି'




କୋଣାର୍କ, ୮ ।୨(ସମିସ)

କୋଣାର୍କ ମାଧିପୁର ଛକସ୍ଥିତ ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହୁତ ପାଠ ପଢ଼ି କ୍ଷମତା ସମ୍ପନ୍ନ ରୋଜଗାରକ୍ଷମ ବ୍ୟକ୍ତି ଭାବରେ ପ୍ରତିଷ୍ଠିତ ହୁଅ। କିନ୍ତୁ ନିଜର ମାତୃଭାଷା ଓ ସଂସ୍କୃତିକୁ ଭୁଲିଯାଅନି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜାଭିୟର୍ ହାଇସ୍କୁଲର ପ୍ରତିଷ୍ଠାତା ଚେୟାରମ୍ୟାନ ସମୀର କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟଅତିଥି, ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଜାଭିୟର୍ ଗ୍ରୁପ୍ ଅଫ୍ ସ୍କୁଲର ନିର୍ବାହୀ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ତ୍ରିପାଠୀ, ଚୌଦାରସ୍ଥିତ ଜାଭିୟର୍ ହାଇସ୍କୁଲର ଚେୟାରମ୍ୟାନ ଶକ୍ତିପ୍ରସାଦ ମହାନ୍ତି, ନିଳାଦ୍ରୀ ବିହାର ଜାଭିୟର୍ ସ୍କୁଲର ସମ୍ପାଦିକା ସବିତା ତ୍ରିପାଠୀ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ପାଠପଢ଼ି ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇଥିଲେ। ଜାଭିୟର୍ ହାଇସ୍କୁଲର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ଦାଶ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଅତୁଲ କୁମାର ପତି ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସଚେତନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଆଶୁତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମଲ୍ଲିକ, କୁନିଲତା ସ୍ୱାଇଁ, କାଦମ୍ବିନୀ ପାତ୍ର, ଶୁଭସ୍ମିତା ସାହୁ, ମିଳନମୈତ୍ରୀ ବରାଳ, ଶ୍ରାବଣୀ ପ୍ରଧାନ, ଶିକ୍ଷକ ବାଦଲ କୁମାର ସ୍ୱାଇଁ, ସଞ୍ଜୀବ କୁମାର କାଣ୍ଡି, ଜଗନ୍ନାଥ ସ୍ୱାଇଁ, ଚିନ୍ମୟ କୁମାର ପ୍ରଧାନ ଓ ଆକାଶ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଗୋ-ମାଂସ ବୋଝେଇ ଗାଡ଼ି ଜବତ

**ଗୋପ, ୮ ।୨(ସମିସ):** ଗୋପ ଥାନା ଅନ୍ତର୍ଗତ ଖଡ଼ିସ ଗ୍ରାମରେ ଏକ ଗୋ-ମାଂ ବୋଝେଇ ଗାଡ଼ିକୁ ଜବତ କରିଛନ୍ତି ଗ୍ରାମବାସୀ। ଟାଟା ଏସି ଗାଡ଼ିରେ ୩୦ କ୍ୱିଣ୍ଟାଲ ଗୋ-ମାଂସ ସହିତ ଗାଡ଼ିକୁ ସ୍ଥାନୀୟ ଖଡିସ ଗ୍ରାମର ଯୁବକମାନେ ଅଟକାଇବା ପରେ ଗାଡି ଚାଳକ ଅନ୍ଧାର ସୁଯୋଗ ନେଇ ଗାଡ଼ିରୁ ଚମ୍ପଟ ମାରିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା।ସୂଚନା ଅନୁସାରେ ଦିଘାଲୋ ଖଡ଼ିସ ରାସ୍ତାରେ ଏକ ଟାଟାଏସି ନମ୍ବର ଓଡି-୦୫-ଜେଡ୍-୧୨୮୮ ଦ୍ରୁତ ଗତିରେ ଯାଉଥିବାର ଦେଖି ଗ୍ରାମର କିଛି ଯୁବକ ଗାଡ଼ିଟିକୁ ଅଟକାଇଥିଲେ। ପରେ ଗାଡିର ଡ୍ରାଇଭର ସହିତ ଗାଡ଼ିରେ ଥିବା ଆଉ ଦୁଇଜଣ ବ୍ୟକ୍ତି ଗାଡି ଛାଡି ଦୌଡ଼ି ପଳାଇଥିଲେ। ପରେ ଗାଡ଼ିରେ ଗୋ-ମାଂସ ଥିବାର ଦେଖି ଗୋପ ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଗାଡି ସହିତ ଗୋ-ମାଂସକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଥାନାରେ ଅଭିଯୋଗ ପହଞ୍ଚିବା ପରେ ପୋଲିସ ଘଟଣାକୁ ଗୁରୁତର ସହ ନେଇଥିବା ଗୋପ ଥାନା ଅଧିକାରୀ ମହେଶ୍ୱର ସେଠି କହିଛନ୍ତି।

### ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଗମ୍ଭାରୀପଦା /କାକଟପୁର, ୮ ।୨ (ସମିସ):** କାକଟପୁର ବ୍ଲକ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଦିଲ୍ଲୀପ ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଗୋପ ଉପନିବନ୍ଧକ ପ୍ରଭାତ ତରାଇ, ମୁଖ୍ୟବକ୍ତା ଜଗନ୍ନାଥ ସଂସ୍କୃତିର ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥି ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ସମରଜିତ ମଲ୍ଲିକ, ବିଦ୍ୟାଳୟର ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ବିଜୟ ମୁଦୁଲି ଯୋଗଦେଇଥିଲେ। ମଞ୍ଚାସିନ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ବିଷୟରେ ବୁଝାଇଥିଲେ। ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ନଳିନୀ ପ୍ରଭା ପ୍ରଧାନ, ଉମାଶଙ୍କର ନାୟକ, କାମଦେବ ରାଉତ, ସୁକାନ୍ତ ପୃଷ୍ଟି, ଅଶୋକ ସ୍ୱାଇଁ, ସରୋଜ କୁମାର ନାୟକ, ସ୍ନେହାଶିଷ ନାୟକ, ଦିଲ୍ଲୀପ ସ୍ୱାଇଁ, ପବିତ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜକିଶୋର ମଲ୍ଲ ଉତ୍ସବକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସୁରେନ୍ଦ୍ର ମାଣିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## 'ଆମ ଓଡ଼ିଶା ନବୀନ ଓଡ଼ିଶା'ସଚେତନତା ଶିବିର

**କାକଟପୁର/ଗମ୍ଭାରୀପଦା, ୮ ।୨(ସମିସ):** କାକଟପୁର ବ୍ଲକ ଭଣ୍ଡାଘର ସରପଞ୍ଚ ଭାମି ଦାସଙ୍କ ସଭାପତିତ୍ୱରେ ଭଣ୍ଡାଘର ଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ସମ୍ମାନିତ ଅତିଥି, ସମିତି ସଭ୍ୟା ସଙ୍ଗୀତା କାଣ୍ଡି, ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଓ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ନେହାଶିଷ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ସରକାରଙ୍କ ଭଣ୍ଡାଘର ପଞ୍ଚାୟତରେ କରାଯାଇଥିବା ଜନକଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀ, ଏସଏଚ୍‌ଜି ଗ୍ରୁପର ମହିଳାମାନଙ୍କୁ ଅବଗତ କରାଇଥିଲେ। ବ୍ଲକ ପଞ୍ଚାୟତ ଅଧିକାରୀ ସୁବ୍ରତ ପରିଡ଼ା ସଭା ପରିଚାଳନା, ସମାଜସେବୀ ରଜବ ଅଲ୍ଲୀ, ଯୁବ ସଂଗଠକ ଉଦୟ ଭାନୁ ସାହୁ ସହଯୋଗ କରିଥିଲେ।

### 'ସକାଳ' ପ୍ରଭାବ

## ପଲ୍ଲିଛକ-କରୁଆଳ ରାସ୍ତା କାର୍ଯ୍ୟ ଆରମ୍ଭ



**ନୟାହାଟ, ୮ ।୨(ସମିସ):** ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ ପଲ୍ଲିଛକରୁ କରୁଆଳ ରାସ୍ତା ଅଧପନ୍ତରିଆ ଅବସ୍ଥାରେ ପଡ଼ିଥିବା ଉପରେ ଖବର ପ୍ରକାଶ ପରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ନବଘନ ବେହେରା ଆସି ଘଟଣା ତଦନ୍ତ କରି ଠିକାଦାରକୁ ତୁରନ୍ତ କାମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଠିକାଦାର ଆସି ରାସ୍ତା କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ୫ ବର୍ଷ ହେବ ଉକ୍ତ ରାସ୍ତା ନିର୍ମାଣ ନସରୁଣୁ ରାସ୍ତା କାମ ଆରମ୍ଭ କରିଥିବା ଠିକାଦାର ମୃତ୍ୟୁବରଣ କରିଥିଲେ। ୫ ବର୍ଷ ପୁରିବା ପରେ ଠିକାଦାର ପ୍ୟାରୀ ପ୍ରଧାନ କାମ ଆରମ୍ଭ କରିଥିବାରୁ ରାସ୍ତାକାମ ଅଧପନ୍ତରିଆ ହୋଇ ପଡ଼ିରହିଥିଲା। ତୁରନ୍ତ ରାସ୍ତାକାମ ଶେଷ ହେବ ବୋଲି ଯନ୍ତ୍ରୀ କହିଛନ୍ତି।

## ରାସଗୁରୁ ଗୋବିନ୍ଦଙ୍କ ପରଲୋକ

**ସାକ୍ଷୀଗୋପାଳ, ୮ ।୨(ସମିସ):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପେଣ୍ଠପଡ଼ା ପଞ୍ଚାୟତର ରଙ୍ଗଣିସାହିର ଗୋବିନ୍ଦ ଜେନାଙ୍କ ୮୨ବର୍ଷରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ରାସଗୁରୁ ଭାବରେ ସତ୍ୟବାଦୀ ଅଞ୍ଚଳ ସମେତ ପୁରୀ ଜିଲ୍ଲାରେ ବେଶ୍ ପରିଚିତ। ଏପରିକି ପଖଜ ଗୁରୁଭାବେ ବେଶ ପରିଚିତ। ଅନ୍ୟପକ୍ଷରେ ସାକ୍ଷୀଗୋପିନାଥଙ୍କ ମନ୍ଦିର ରେ ମହାକାର୍ତ୍ତିକ ମାସରେ ଠାକୁରଙ୍କ ନିକଟରେ (ପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳା)ରାସ ଗିତ ଗାନ କରିଥାନ୍ତି। ଗ୍ରାମବାସୀ ଓ ରାଶପ୍ରେମୀ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଥିବା ବେଳେ ପୁଅ ଦିବାକର ଜେନା ମୁଖାଗ୍ନି ଦେଇଥିଲେ।



## ଜନତା ନୋଡ଼ାଲ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କୃଷ୍ଣପ୍ରସାଦ, ୮ ।୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁର ପଞ୍ଚାୟତର ଜନତା ନୋଡ଼ାଲ ଉପ୍ରା ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନାଙ୍କୁ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଗତ ଦିନ ମାନଙ୍କରେ ବିଦ୍ୟାଳୟରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଥିବା ବେଳେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦନା କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା, ସହକାରୀ ଶିକ୍ଷୟତ୍ରୀ ମନ୍ଦାକିନୀ ପ୍ରଧାନ, ମନ୍ଦାକିନୀ ଜେନା, ଶୁଭାସିନୀ ମହାପାତ୍ର ଏବଂ ରାକେଶ ଜେନାଙ୍କ ସହଯୋଗିତା ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି ପୁରସ୍କାର ମିଳିଛି। ଏଥିପାଇଁ ବ୍ଲକ ବିଆରସିସି ସତ୍ୟବ୍ରତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସନ୍ନ ଦଳାଇ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ବିଦ୍ୟାଳୟ ପରିସରରେ ସମ୍ମାନିତ କରିଛନ୍ତି।









## ଶିକ୍ଷକଙ୍କ ବଦଳିକୁ ନେଇ ବିଦ୍ୟାଳୟରେ ତାଲା

କଣାସ, ୮ ।୨(ସମିସ)



**କୌଣସି ଅଧିକାରୀଙ୍କ ଦେଖାନାହିଁ**

କଣାସ ବ୍ଲକ ଅର୍ନ୍ତଗତ ଆଳିହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଳିକରି ଦିଆଯାଇଥିବାରୁ ଗ୍ରାମବାସୀ ବୁଧବାର ଠାରୁ ଉକ୍ତ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଦାବିକରି ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଦେଇଥିଲେ। ଦୁଇଦିନ ହେଲା ବିଦ୍ୟାଳୟ ବନ୍ଦ ରହିଥିଲେ ମଧ୍ୟ କୌଣସି ଶିକ୍ଷାବିଭାଗର ଉଚ୍ଚ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ୮ଟି କ୍ଲାସ ଥିବା ବେଳେ ୧୯୩ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପାଠପଢ଼ାଇବା ପାଇଁ ୫ଜଣ ଶିକ୍ଷକ ଥିବା ବେଳେ ସେଥି ମଧ୍ୟରୁ କମଳାକାନ୍ତ ନାୟକ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଦେଇଥିବାରୁ ଗ୍ରାମବାସୀ ଉକ୍ତଶିକ୍ଷକଙ୍କୁ ଫେରାଇଆଣିବାପାଇଁ ଦାବିକରି ଦୁଇଦିନ ହେଲା ବିଦ୍ୟାଳୟରେ ତାଲାପକାଇଛି। କଣାସ ବ୍ଲକରେ ଶିକ୍ଷା ଅଧିକାରୀ ପଦବୀ ଖାଲିପଡ଼ିଥିବାରୁ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେକୁହନ୍ତି ମୁଁ ସେଠାକୁ ଯାଇ ନାହିଁ ଓ ପ୍ରଧାନଶିକ୍ଷକ ଓ ଗ୍ରାମକମିଟି ଶିକ୍ଷା ସଭାପତି ସହିତ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛି ସେମାନେ କିଛି ବୁଝୁନାହାନ୍ତି।


**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ**

**ନାମଲେଖା ବିଜ୍ଞାପନ- ୨୦୨୪-୨୫**

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।

ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।

ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼

ଯୋଗାଯୋଗ- ୯୯୩୮୪୨୫୦୦୩, ୯୪୩୯୩୬୨୨୦୮

■ ଜନଆରୋଗ୍ୟ ସମିତି ବୈଠକ

# ଷ୍ଟାଫ୍ କ୍ୱାର୍ଟର୍ ଓ ପାନୀୟ ଜଳ ପରିଚାଳନାକୁ ଗୁରୁତ୍ୱ



**ଗଣିଆ, ୮।୨(ସମିସ):** ଗଣିଆ ବ୍ଲକ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ଜନଆରୋଗ୍ୟ ସମିତି ବୈଠକ ଗୁରବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟ ନରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମଧୁସୂଦନ ଦାସ, ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାଜେନ୍ଦ୍ର ପ୍ରସାଦ ଦଳେଇ, ଡାକ୍ତର ବିଦ୍ୟୁଲତା ଦାଶ, ଫାର୍ମାସିଷ୍ଟ ସନ୍ତୋଷ କୁମାର ବେହେରା, ପିଏଚଇଓ କମଳା ମହାରଣା, ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତି, ବଡଶିଳିଙ୍ଗା ସରପଞ୍ଚ ସସ୍ମିତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶା ଓ ଅଙ୍ଗନବାଡ଼ିକର୍ମୀ ଯୋଗ ଦେଇଥିଲେ। ବୈଠକରେ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ପାନୀୟ ଜଳ ପାଇଁ ନୂତନ ବୋରିଂ ପଏଣ୍ଟ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ, ପାଚେରି, ଫାଟକ ନିର୍ମାଣ ସହ ପରିସରରେ ହାଇମାସ୍କ ଲାଇଟ ଲଗାଇବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରତିବର୍ଷ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଗୁଡିକ ସମ୍ପର୍କରେ ଆଲୋଚନା କରାଯାଉଥିଲେ ହେଁ ପ୍ରଶାସନିକସ୍ତରରେ ଏହାର ସମାଧାନ କରାଯାଉନଥିବାରୁ ସ୍ଥାନୀୟ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଦେଖି ଉପସ୍ଥିତ ସଭ୍ୟମାନେ ପ୍ରଶଂସା କରିଥିଲେ।

# କ୍ୟାରିୟର୍ କାଉନସେଲିଂ କର୍ମଶାଳା




**ଓଡ଼ଗାଁ, ୮ ।୨(ସମିସ):** ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଓ ଭୁବନେଶ୍ୱର ବାନିକ ଶିକ୍ଷାନୁଷ୍ଠାନର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ +୩ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ନେଇ ଗୁରୁବାର କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ କ୍ୟାରିୟର କାଉନସେଲିଂ ସଂଯୋଜକ ନିରୋଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାରିୟର କାଉନସେଲିଂ ଏକ୍ସପର୍ଟ ପ୍ରଦୋଷ ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ୍ୟାରିୟର କାଉନସେଲିଂ ଆବଶ୍ୟକତା ରହିଥିବା କଥା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲିଖିତ ଓ ବ୍ୟକ୍ତିତ୍ୱ ଆକଳନ ପରୀକ୍ଷା କରାଯାଇଥିଲା। ସେହିପରି ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବା ନିମନ୍ତେ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଡ଼ ଚିତ୍ତରଞ୍ଜନ ଦାଶ, ମୋହନ ଚନ୍ଦ୍ର ଦଳାଇ, ସମ୍ବିତ ଦାସ, ବିପିନ ମହାପାତ୍ର, ଦେବବ୍ରତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଜାତା ବିଶୋଇ ଓ ଅର୍ଜୁନ ସାହୁ ସହଯୋଗ କରିଥିଲେ।

# ଖଳିସାହି କ୍ରିକେଟ୍ କପ୍, ସେମିରେ କଟକ ରାକା



**ଖଣ୍ଡପଡ଼ା, ୮।୨(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ ପଡ଼ିଆରେ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ କଟକର ରାକା କ୍ରିକେଟ କ୍ଲବ୍ ବିଜୟୀ ହୋଇଛି। ଖଳିସାହି ୟୁନାଇଟେଡ ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ମ୍ୟାଚ୍‌ରେ କଟକ ରାକା କ୍ରିକେଟ କ୍ଲବ୍ ୭ ଉଇକେଟରେ କାଇପଦର କ୍ରିକେଟ କ୍ଲବ୍‌କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କାଇପଦର ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ କଟକ ରାକା କ୍ରିକେଟ କ୍ଲବ ୭.୩ ଓଭରରେ ୩ ଗୋଟି ୱିକେଟ ହରାଇ ଆବଶ୍ୟକ ରନ ସଂଗହ କରିବା ସହିତ ବିଜୟୀ ହୋଇଥିଲା। ବିଜୟୀ କଟକ ଦଳର ମଳୟ ଜେନା ବ୍ୟକ୍ତିଗତ ଭାବେ ୧୩ ଟି ବଲରେ ୪ ଟି ଛକା ଓ ୫ ଟି ଚୌକା ସହାୟତାରେ ୪୫ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ବଳଭଦ୍ରପ୍ରସାଦ ସମିତି ପ୍ରତିନିଧି ବୁଲୁ ଦାଶ, ବିଶିଷ୍ଟ ବ୍ୟବସାୟୀ ଅଚ୍ୟୁତ ପୃଷ୍ଟି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ମାନସ ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ସୀମାଞ୍ଚଳ ପୃଷ୍ଟି ଭାସ୍ୟକାର ଦାୟିତ୍ୱ ନିଭାଇଥିଲେ। ଶୁକ୍ରବାର ଚତୁର୍ଥ ଲିଗ ତମାଣ୍ଡୋ କ୍ରିକେଟ କ୍ଲବ୍ ଏବଂ ଢେଙ୍କାନାଳ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜଙ୍କ ଠାରୁ ସୂଚନା ମିଳିଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାକୁ ଅସଦାଚରଣ

• ଗୁରୁତର ନାବାଳିକା ଚିକିତ୍ସାଧିନ
• ଡାକ୍ତରଖାନା କର୍ମଚାରୀ ସମ୍ପୃକ୍ତ

ନୟାଗଡ଼, ୮।୨(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ୧୫ ବର୍ଷିୟ ନାବାଳିକାକୁ ଅସଦରାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ରହିଛନ୍ତି। ଅସଦାଚାରଣ କରିଥିବା ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜୈନିକ କର୍ମଚାରୀ ବୋଲି ସୂଚନା ମିଳିଛି। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରଣପୁର ଥାନା ସୁନାଖଳା ଫାଣ୍ଡି ଅଞ୍ଚଳର ଜୈନିକ ମହିଳା ଚିକିତ୍ସିତ ହେଉଥିଲେ। ମହିଳା ଜଣଙ୍କ କୀଡିନ ରୋଗରେ ପୀଡିତ ଥିଲେ। ଗତକାଲି ମହିଳାଙ୍କ ପାଖରେ ତାଙ୍କର ମାଆ ଏବଂ ତାଙ୍କ ନାବାଳିକା ଝିଅ ସେବା ଯତ ପାଇଁ ରହିଥିଲେ। ଗତକାଲି ମହିଳାଙ୍କ ଦେହ ଟିକେ ଅଧିକ ଅସୁସ୍ଥ ହେବାରୁ ନାବାଳିକା ଝିଅ ଡାକ୍ତରଖାନା ପରିସରରେ ରହିଥିବା ନିରାମୟ କେନ୍ଦ୍ରକୁ ଔଷଧ ଆଣିବାକୁ ଯାଇଥିଲେ। ରାତି ପ୍ରାୟ ୯ ଟା ସମୟରେ ନାବାଳିକା ଜଣଙ୍କ ଔଷଧ ଧରି ଲିଫ୍ଟ ଯୋଗେ ମେଡିସିନ ୱାର୍ଡକୁ ଫେରୁଥିଲେ। ଲିଫ୍ଟ ମଧ୍ୟକୁ ନାବାଳିକା ଏକାକୀ ଯାଉଥିବା ଦେଖି ଡାକ୍ତରଖାନାରେ କାର୍ଯ୍ୟରତ ଜଣେ କର୍ମଚାରୀ ଲିଫ୍ଟ ଅଟକାଇ ଭିତରକୁ ପ୍ରବେଶ କରିଥିଲେ। ଲିଫ୍ଟ ମଧ୍ୟରେ ନାବାଳିକାଙ୍କୁ ଏକାକି ଦେଖି ପୂର୍ବ ଯୋଜନା ମୁତାବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏପରିକି ଏହି ଘଟଣା ବାହାରେ ପ୍ରଘଟ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକା ଜଣଙ୍କ କର୍ମଚାରୀଙ୍କ ଅସଦାଚରଣ ଯୋଗୁଁ ଲିଫ୍ଟ ଭିତରେ ଅଚେତ ହୋଇପଡ଼ିଥିଲେ। ଯାହାକୁ ସୁଯୋଗ ଭାବି ଉକ୍ତ କର୍ମଚାରୀ ଜଣଙ୍କ ସେଠାରୁ ଖସି ଚାଲି ଯାଇଥିଲେ। କିଛି ରୋଗୀ ସମ୍ପର୍କିୟ ଏବଂ ଡାକ୍ତରଖାନା କର୍ମଚାରୀ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ନାବାଳିକାଙ୍କ ଅବସ୍ଥା ଗୁରୁତର ରହିଥିଲା। ତାଙ୍କୁ ଏବେ ବି ଚିକିତ୍ସାଧିନ ଅବସ୍ଥାରେ ରଖାଯାଇଛି। ଏହି ଖବରପାଇ ନାବାଳିକାଙ୍କ ବାପା ଡାକ୍ତରଖାନାରେ ପହଞ୍ଚି ସମସ୍ତ ଘଟଣା ଜାଣିବା ପରେ ନୟାଗଡ଼ ଟାଉନଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନୟାଗଡ଼ ଏସଡିପିଓ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଅଭିଯୋଗ ହୋଇଥିବା କହିଛନ୍ତି। ଘଟଣାର ତଦନ୍ତ ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି କହିଛନ୍ତି।

## ମାଲମାଲ ସୁରକ୍ଷାକର୍ମୀ, ବ୍ୟବସ୍ଥା ଢିଲା

**ନୟାଗଡ଼, ୮।୨(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳ ମାଳ ସୁରକ୍ଷା କର୍ମଚାରୀ ନିୟୋଜିତ ରହିଥିବା ବେଳେ ବ୍ୟବସ୍ଥା ଅବ୍ୟବସ୍ଥାରେ ପରିଣତ ହୋଇଥିବା ଅନୁମାନ କରାଯାଉଛି। ଡାକ୍ତରଖାନା ପରିସରରୁ ବାରମ୍ବାର ଚୋରି ଘଟଣା ସାମ୍ନାକୁ ଆସୁଛି। ସବୁଠାରୁ ଅଧିକ ବାଇକ ଡାକ୍ତରଖାନା ପରିସରରୁ ଚୋରି ହେଉଛି। ରୋଗୀଙ୍କ ସୁରକ୍ଷା ଦାୟିତ୍ୱ ବହୁ ଦୂରରେ ରହିଥିବା ବେଳେ ଡାକ୍ତରଖାନାରେ କର୍ମଚାରୀଙ୍କୁ ସୁରକ୍ଷା ଦେବାରେ କର୍ମଚାରୀ ଢିଲା ମାରୁଛନ୍ତି। ଡାକ୍ତରଙ୍କ ଚ୍ୟାମ୍ବର ଆଗରେ କୌଣସି ସୁରକ୍ଷା କର୍ମୀ ରହୁନଥିବା ବେଳେ ଗପ ମାରି ସମୟ ଅତିବାହିତ କରୁଛନ୍ତି। ଡାକ୍ତରଖାନା ପରିସରରେ ଏଣେତେଣେ ବାଇକ ଏବଂ କାର ପାର୍କିଂ ହେଉଥିବା ବେଳେ ଏଭଳି ଅସଦାଚରଣ ଘଟଣା ଘଟିବା ନୂଆ ନୁହେଁ ବୋଲି ଅଭିଯୋଗ ହେଉଛି। ନିୟମିତ ଭାବେ କିଛି ନିଶାଡି ଏବଂ ଅସମାଜିକ ଯୁବକ ଡାକ୍ତରଖାନାକୁ ଆସୁଥିବା ରୋଗୀ ସମ୍ପର୍କିୟଙ୍କୁ ଟାର୍ଗେଟ କରି ଅସଦାଚରଣ କରୁଥିବା ଆଲୋଚନା ହେଉଛି। ଅନେକ ଯୁବତୀ ଓ ମହିଳା ନିଜ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଥାନାରେ ଅଭିଯୋଗ କରୁନଥିବା ବେଳେ ଗତକାଲିର ଘଟଣା ଆଲୋଡନ ସୃଷ୍ଟି କରିଛି। ଡାକ୍ତରଖାନା ପରିସରରେ ନୟାଗଡ଼ ଟାଉନଥାନା ଅଧିନସ୍ଥ ଏକ ଫାଣ୍ଡି ରହିଥିବା ବେଳେ ପୁଲିସ କେବଳ ଫାଣ୍ଡି ଜଗୁଥିବା ଆଲୋଚନା ହେଉଛି।

■ ମହାନଦୀରେ ମତ୍ସ୍ୟସମ୍ପଦ ସୁରକ୍ଷା ଯୋଜନା

# ଉତ୍ପାଦନ ବୃଦ୍ଧି ଲାଗି ଛଡ଼ାଗଲା ଜାଆଁଳା




**ଖଣ୍ଡପଡ଼ା, ୮।୨(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ନିକଟରେ ବହି ଯାଇଥିବା ମହାନଦୀରେ ଗୁରୁବାରଦିନ ଉନ୍ନତ କିସମର ମାଛ ଯାଆଁଳ ଛଡ଼ାଯାଇଛି। ଏ ଅବସରରେ ଗୁରୁବାର ପୂର୍ବାହ୍ନରେ ମହାଦେବ ସାହି ଘାଟ ନିକଟରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ନେଇ ସଭା ଅନୁଷ୍ଠିତ ହୋଇଥିବା ବେଳେ ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହ ଓ ସ୍ୱାବଲମ୍ବୀ ହେବା ନେଇ ରାଜ୍ୟସରକାର ଏହି ପ୍ରକଳ୍ପ ଆରମ୍ଭ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ମଧୁର ଜଳ ମାଛ ଚାଷର ଚାହିଦା ଥିବା ବେଳେ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରୁଥିବା ନେଇ ସୂଚନା ମିଳିଛି। ନୟାଗଡ଼ ମତ୍ସ୍ୟ ଅଧିକାରୀ ପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ବିଡ଼ିଓ ଅଙ୍କୁର ଅଭିଳାଷ, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଜିଲ୍ଲାପରିଷଦ ସଦସ୍ୟା ଉଜଳ ମହାରଣା, ସ୍ଥାନୀୟ ସରପଞ୍ଚ ପ୍ରତିମା ପ୍ରଧାନ, ସମିତିସଭ୍ୟ ସ୍ମିତାରାଣୀ ରାଉତ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ମିଶ୍ର, ସଦର ସହକାରୀ ମତ୍ସ୍ୟ ଅଧିକାରୀ ସ୍ନେହଂଶୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିବା ସହିତ ଚାଷୀଙ୍କ ଯୋଜନା ବାବଦରେ ସୂଚନା ଦେଇଥିଲେ। ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବାଶିଷ ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱରୁ ଯାଆଁଳ ଯାହାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ ମହାନଦୀରେ ଛଡାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ମତ୍ସ୍ୟଜୀବୀ କମିଟି ସଭାପତି ନାରାୟଣ ଦଳେଇ ଏବଂ ସମ୍ପାଦକ ଅମୀୟ ଦଳେଇ ସରକାରଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶୁକ୍ରବାର କଣ୍ଟିଲୋରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

■ କଥା ରଖିଲେ ବେଣୁଧର

# ନିଜସ୍ୱ ପାଣ୍ଠିରୁ ନିର୍ମାଣ କଲେ ଠାକୁରଙ୍କ କୋଠଘର



**ଭାପୁର, ୮।୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା ପାଇଁ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି କୋଠଘର ନିର୍ମାଣ କରିଛନ୍ତି। ଗୁରୁବାର ଭାପୁର ବ୍ଲକ ରାକମା ପଞ୍ଚାୟତ ରାକମା ମଝିସାହିରେ କୋଠଘର ଉଦ୍‌ଘାଟନ ହୋଇଛି। ଗ୍ରାମର ଆରାଧ ଦେବତା ସ୍ୱପ୍ନେଶ୍ୱର ଦେବଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଦେବ ରହୁଥିବା ମଝିସାହିରେ ଥିବା ତାଙ୍କ ବିଜେସ୍ଥଳୀ ଦୀର୍ଘ ୩୦ ବର୍ଷ ହେଲା ଅବହେଳିତ ଅବସ୍ଥାରେ ପଡ଼ିଥିଲା। ଗତ ପଞ୍ଚାୟତ ନିର୍ବାଚନ ସମୟରେ ସେ ହାରନ୍ତୁ କି ଜିତନ୍ତୁ ଏହି ଧର୍ମ ସ୍ଥାନର ପୁନରୁଦ୍ଧାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ହାତରୁ ତିନି ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ୩ ଲକ୍ଷ ୬୬ ହଜାର ଟଙ୍କା, ବ୍ଲକ ଏସଏଫସି ଫଣ୍ଡରୁ ଏକ ଲକ୍ଷ ଓ କଟକ ସାଂସଦଙ୍କ ପାଣ୍ଠିରୁ ଏକ ଲକ୍ଷ ମିଶି ଏକ ବୃହତ କୋଠ ଗୃହ ନିର୍ମାଣ କରାଯାଇଛି। ଏହାକୁ ଗୁରୁବାର ଦିନ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଉଦଘାଟନ କରିଛନ୍ତି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ବିଜେଡି ବ୍ଲକ ସଭାପତି ଶିବ ପ୍ରସାଦ ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମାଧବ ଚନ୍ଦ୍ର ବେହେରା, ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ପଞ୍ଚାୟତର ୱାର୍ଡ ସଭ୍ୟ, ସଭ୍ୟା ଓ ଗ୍ରାମବାସୀ ଉପସ୍ଥିତ ରହି ସହଭାଗୀ ହୋଇଥିଲେ।

# ପୋଖରୀରେ ବୁଡ଼ି ମହିଳା ମୃତ

**ଭାପୁର, ୮।୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମର ବୈକୁଣ୍ଠ ପାଳଙ୍କ ସ୍ତ୍ରୀ ରମା ପାଳ ଗୁରୁବାର ସକାଳ ସମୟରେ ପୋଖରୀକୁ ଗାଧେଇ ଯାଇଥିବା ସମୟରେ ଅସାବଧାନତା ବଶତଃ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ଗ୍ରାମବାସୀମାନେ ରମାଙ୍କୁ ଉଦ୍ଧାର କରି ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଡାକ୍ତରଖାନାକୁ ପଠାଇ ଦେଇଥିଲେ। ତାଙ୍କର ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି। ଗ୍ରାମ ଶ୍ମଶାନରେ ଅପରାହ୍ନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ଏକମାତ୍ର ପୁଅ ପ୍ରମୋଦ ମୁଖାଗ୍ନି ଦେଇଛନ୍ତି।

# ବାଇଗୁଣିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଫାଇନାଲରେ ଟାଙ୍ଗି

**ଖଣ୍ଡପଡ଼ା, ୮।୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଗ୍ରଣୀ କ୍ରିଡା ଅନୁଷ୍ଠାନ ବାଇଗୁଣିଆ ଗ୍ରାମର ୟୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ତନ୍ତୁବାୟ ସହଯୋଗ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମିଫାଇନାଲରେ ରଘୁନାଥ ଏଫସି ଟାଙ୍ଗି ଦଳ ଟ୍ରାଇବେକରରେ ୩-୨ ଗୋଲରେ ଶରଣକୂଳ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ଶରଣକୂଳ ଦଳ ଦୁଇଟି ଗୋଲ ଦେଇ ଆଗୁଆ ରହି ବିଜୟ ନିଶ୍ଚିତ ବୋଲି ଭାବୁଥିବା ବେଳେ ଶେଷ ପାଞ୍ଚ ମିନଟରେ ଟାଙ୍ଗି ଦଳ ଠାରୁ ଲଗାତାର ଦୁଇଟି ଗୋଲ ଶରଣକୂଳ ଦଳ ଖାଇବାରୁ ଖେଳ ଅମିମାଂସିତ ରହିଥିଲା। ଟ୍ରାଇବେକର ପଦ୍ଧତିରେ ଟାଙ୍ଗି ଦଳ ୩-୨ ଗୋଲରେ ଶରଣକୂଳ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ପ୍ରସନ୍ନ କୁମାର ନାୟକ ଓ ଲାଇନରେ ସହଯୋଗ କରିଥିଲେ ଜଗନ୍ନାଥ ପଣ୍ଡା ଓ ସୁବାଷ ଚନ୍ଦ୍ର ବେହେରା। ଚତୁର୍ଥ ରେଫରି ଭାବେ ଆଶିଷ କୁମାର ପଟ୍ଟନାୟକ ଦାୟିତ୍ୱ ସମ୍ପାଦକ କରିଥିଲେ। ଅତିଥି ଭାବେ ରାଜ୍ୟ ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଉପଦେଷ୍ଟା ତଥା ଖଣପଡ଼ା ର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜନଗଣନା ନିର୍ଦ୍ଦେଶକଙ୍କ ଡାକ୍ତରଖାନା ପରିଦର୍ଶନ

**ଭାପୁର, ୮।୨(ସମିସ):** ରାଜ୍ୟ ସରକାରଙ୍କ ଜନଗଣନା ନିର୍ଦ୍ଦେଶକ ଆଇଏଏସ ଉଦ୍ୟନାରାୟଣ ଦାଶ ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି। ସେ ଗୁରୁବାର ଦିନ ବାରଟା ସମୟରେ ଭାପୁର ଡାକ୍ତରଖାନାରେ ପହଞ୍ଚି ଜନ୍ମ ପଞ୍ଜିକରଣ ଓ ମୃତ୍ୟୁ ପଞ୍ଜିକରଣ ଠିକ ସେ ହେଉଛି କି ନାହି, ଗ୍ରାମମାନଙ୍କରୁ ସଠିକ ତଥ୍ୟ ଆସୁଛି କି ନାହିଁ ନା କଣ କଣ ଅସୁବିଧା ହେଉଛି ସେ ନେଇ ବିଭିନ୍ନ ତଥ୍ୟ ବୁଝିଥିଲେ। ଏହି ସମୟରେ ଭାପୁର ଡାକ୍ତରଖାନାର ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁ ଓ ଡାକ୍ତର ସତ୍ୟପ୍ରିୟ ସାହୁଙ୍କ ସହ ଡାକ୍ତରଖାନାର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ। ଭାପୁର ତହସିଲଦାର ଲଗ୍ନଜିତ ବେହେରା ଆସି ଶ୍ରୀ ଦାଶଙ୍କୁ ସହଯୋଗ କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଓଡ଼ଗାଁ, ୮ ।୨(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଠାରେ ଅବସ୍ଥିତ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନରେ ଗୁରୁବାର ନୂଆ- ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଭାରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟମଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁ ଉଦ୍‌ଘାଟନ କରିବା ସହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶୁକଦେବ ମହାରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ମାଟି ମଣିଷ କବି ପ୍ରଫୁଲ୍ଲ କୁମାର ମାଝୀ, କବି ଓ ଲେଖକ ଭାବଗ୍ରାହୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଉତ୍କଳ ସଙ୍ଗୀତଗାନ କରିଥିବା ବେଳେ ଅଧ୍ୟାପିକା ତୃପ୍ତିମୟି ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

୫ କୋଟିରେ ଦୂତିକେଶ୍ୱର ମନ୍ଦିର ରୂପାନ୍ତରୀକରଣ

# ମୁଖ୍ୟ ମନ୍ଦିର ଓ ପାର୍ବତୀ ମନ୍ଦିରର ହେବ ପୁନଃ ନିର୍ମାଣ

ଓଡ଼ଗାଁ, ୮ ।୨(ସମିସ)



ଓଡ଼ିଶାର ଅନ୍ୟତମ ଶୈବପୀଠ ଭାବେ ଖ୍ୟାତି ଅର୍ଜନ କରିଥିବା ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଜାମୁପାଟଣା ମୌଜା ଶୂଳିଆ ପାହାଡ଼ ପାଦଦେଶରେ ଅବସ୍ଥିତ ବାବା ଦୁତିକେଶ୍ୱର ମହାଦେବ ଓ ମା' ପାର୍ବତୀଙ୍କ ମନ୍ଦିର ରୂପାନ୍ତରଣ ହେବ ବୋଲି ଜଣାପଡ଼ିଛି। ଖୁବଶୀଘ୍ର ୫ କୋଟି ଟଙ୍କା ବ୍ୟୟରେ ବଉଳାମାଳା ପଥରରେ ଏହା ପୁନଃନିର୍ମାଣ ହେବ। ଏହି ଶୈବପୀଠକୁ ବର୍ଷର ବିଭିନ୍ନ ସମୟରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସହିତ ସସିଦ୍ଧସାଧକମାନେ ଦର୍ଶନ ପାଇଁ ଆସିଥାନ୍ତି। ଦିନକୁଦିନ ପଶ୍ଚିମାଭିମୁଖୀ ଏହି ମହାଦେବଙ୍କ ପ୍ରତ୍ୟକ୍ଷ୍ୟତା ପ୍ରଚାରିତ ହେଉଥିବା ବେଳେ ପ୍ରାକୃତିକ ସବୁଜିମା ଭରା ପାହାଡର ନୈସର୍ଗିକ ଶୋଭା ସହିତ ଭଗବାନ ଶଙ୍କରଙ୍କର ସାନ୍ନିଧ ଲାଭ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶୈବଭକ୍ତଙ୍କ ସୁଅ ଛୁଟିବା ବୃଦ୍ଧି ପାଇଛି। ପ୍ରସିଦ୍ଧ ଜାଗରଯାତ୍ରା, ବାରେଡି ଯାତ୍ରା, ବିଶେଷ କରି ଶ୍ରାବଣମାସରେ କାଉଡିଆଙ୍କ ଭିଡ଼ ପୀଠର ମହାରାକୁ ଦ୍ୱିଗୁଣିତ କରିଦେଇଛି। ତେବେ ବଉଳମାଳା ପଥରରେ ମନ୍ଦିର ନିର୍ମାଣ ହେଲେ ଏହାର କଳା ଏବଂ କାରୁକାର୍ଯ୍ୟ ଭକ୍ତମାନଙ୍କୁ ଅଧିକ ଆକର୍ଷିତ କରିବ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଞ୍ଜୁର ଅର୍ଥରାଶି ବିନିଯୋଗ ହେବା ପରେ ଏଥିନିମନ୍ତେ ପୁଣି ଅଧିକ ଅର୍ଥ ରାଶି ମଞ୍ଜୁର ହେବ ବୋଲି ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ ସୂଚନା ପ୍ରଦାନ କରିଛନ୍ତି।

# ଶାଳଝରିଆରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା




**ଖଣ୍ଡପଡ଼ା, ୮।୨(ସମିସ):** ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଲୋକଙ୍କୁ ଯୋଜନା ବାବଦରେ ସଚେତନ କରିବାର ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ମିନତୀ ସାହୁ, ସମିତିସଭ୍ୟ ଏଲିନା ନାୟକ, ମନୋରଞ୍ଜନ ବେହେରା, ପାଣି ପଞ୍ଚାୟତ ସଭାପତି ଗିରିଶ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପଣ୍ଡା ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୫୦ ଲକ୍ଷ ଟଙ୍କା ପଞ୍ଚାୟତର ବିକାଶମୂଳକ କାର୍ଯ୍ୟରେ ପାଇଁ ମଞ୍ଜୁର ହୋଇଥିବାରୁ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିଥିଲେ। କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।

## ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର

**ଟାଙ୍ଗୀ/କାଲୁପଡ଼ାଘାଟ, ୮।୨(ସମିସ):** ଗୋଠଛଡା ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆହତ ବୃଦ୍ଧ ଜଣଙ୍କ ପଟିଆ ପଞ୍ଚାୟତର କଦମଝୋଲା ଗ୍ରାମର ଗଣେଶ ନାୟକ (୬୫)। ସୂଚନା ଅନୁସାରେ, ବୁଧବାର ରାତିରେ ବୃଦ୍ଧ ଜଣକ ଖାଇପିଇ ସାରି ଘରେ ମଶାରି ଟାଙ୍ଗି ଶୋଇଥିଲେ। ବିଳମ୍ବିତ ରାତ୍ରିରେ ଗୋଠଛଡା ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ଉକ୍ତ ଗ୍ରାମକୁ ପଶି ଆସିଥିଲା। ଦନ୍ତା ତାଙ୍କ ଘରେ ପଶି ଶୁଣ୍ଢରେ ବୃଦ୍ଧଙ୍କୁ ଫିଙ୍ଗି ଦେଇଥିଲା। ବୃଦ୍ଧ ଜଣକ କୌଣସି ମତେ ଖସି ଦୌଡି ପଳାଇ ଯିବାକୁ ଚେଷ୍ଟା କରିବାବେଳେ ଦନ୍ତାଟି ପୁଣି ଥରେ ବୃଦ୍ଧଙ୍କୁ ଆକ୍ରମଣ କରିଥିଲା। ଫଳରେ ବୃଦ୍ଧଙ୍କର ପେଟରେ ଗଭୀର କ୍ଷତ ହେବା ସହ ହାତ ହାଡ ଭାଙ୍ଗିଯାଇଛି। ତାଙ୍କୁ ତୁରନ୍ତ ଟାଙ୍ଗୀ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରି ଦିଆଯାଇଛି।

## ଚୋରି ଅଭିଯୋଗରେ ୩ ଗିରଫ

**ବାଲୁଗାଁ, ୮।୨(ସମିସ):** ବାଲୁଗାଁ ଥାନା ଅଞ୍ଚଳରୁ ଗୃହ ନିର୍ମାଣ ସାମଗ୍ରୀ ଚୋରି ଅଭିଯୋଗ ରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସହ ଅଭିଯୁକ୍ତ ମାନଙ୍କ ଠାରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିଛି ବାଲୁଗାଁ ପୁଲିସ। ଗିରଫ ମୁଖ୍ୟ ଅଭିଯୁକ୍ତ ବାଲୁଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମର ବାବୁଲା ଦାସ (୨୮) ଏବଂ ସମସ୍ତ ଚୋରି ସାମଗ୍ରୀକୁ ନେଇ ରଖି ଥିବା ସ୍ଥାନୀୟ ଗବପଦର ଗ୍ରାମର ବନମାଳୀ ବେହେରା (୭୫) ଏବଂ ବଡ଼କୁଳ ଗ୍ରାମର ଶିବ ପ୍ରସାଦ ସାହୁ (୩୩)। ବାଲୁଗାଁ ଥାନା ଅଧିନ ନାଭାଲ ଫାଣ୍ଡି ଅନ୍ତର୍ଗତ ବଡ଼କୁଳ ଗ୍ରାମର ପାଣ୍ଡବ ମହାରଣା ଠିକାଦାର ଏକ କୋଠା ଘର ନିର୍ମାଣ ନିମନ୍ତେ ବହୁ ମୂଲ୍ୟବାନ ଗୃହ ନିର୍ମାଣ ସାମଗ୍ରୀ ଓ ସରଞ୍ଜାମ ମହଜୁଦ ରଖିବାକୁ ଚନ୍ଦ୍ରାପୁଟ ଗ୍ରାମର ଏକ ଘରକୁ ଭଡ଼ା ସୂତ୍ରରେ ନେଇ ସେଠାରେ ସାମାନ ରଖିଥିଲେ। କିଛିଦିନ ପୂର୍ବେ ଉକ୍ତ ଭଡ଼ା ଘରେ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ସମସ୍ତ ନିର୍ମାଣ ସାମଗ୍ରୀ ଚୋରି ହୋଇ ଯାଇଥିବା ପାଣ୍ଡବ ଦେଖିବାକୁ ପାଇଥିଲେ। ଏ ନେଇ ଠିକାଦାର ପାଣ୍ଡବ ମହାରଣା ବାଲୁଗାଁ ଥାନାରେରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ନାଭାଲ ଫାଣ୍ଡି ଅଧିକାରୀ ଆରଏନ ଗୌଡ଼ ଏ ସଂକ୍ରାନ୍ତରେ ବାଲୁଗାଁ ଥାନା କେସ ନମ୍ବର ୫୫/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ତେବେ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ ଯେ ଏହି ଚୋରି ଘଟଣା ରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରାପୁଟ ଗ୍ରାମର ବାବୁଲା ଦାସ ସବୁ ସାମଗ୍ରୀ ଚୋରି କରି ନେଇ ଶିବ ପ୍ରସାଦଙ୍କୁ ବିକ୍ରି କରିଥିଲେ ଏବଂ ପରବର୍ତ୍ତି ସମୟରେ ଶିବ ପ୍ରସାଦ ଉକ୍ତ ଚୋରି ସାମଗ୍ରୀକୁ କବାଡିଆ ଦୋକାନୀ ବନମାଳୀ ବେହେରାଙ୍କୁ ବିକ୍ରି କରିଥିଲେ। ପୁଲିସ ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରି ଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ବାଲୁଗାଁ ଥାନାଧିକାରୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ମହିଳା ଗୁରୁତର

**ବୋଲଗଡ଼, ୮।୨(ସମିସ):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳ ରାଜସୁନାଖଳା ଗଣେଷ ବଜାର ପାନନଗର ଛକ ଠାରେ ଗୁରୁବାର ସନ୍ଧ୍ୟାରେ ଏକ ହାଇୱା ଏବଂ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟି ସ୍କୁଟିରେ ଯାଉଥିବା ଜଣେ ମହିଳା ଗରୁତର ହୋଇଛନ୍ତି। ଗୁରୁତର ମହିଳା ଜଣକ ସ୍ଥାନୀୟ ଘୋରଡ଼ିଆ ଗ୍ରାମର ନିର୍ମଳା ଦତ୍ତ (୪୦)। ନିର୍ମଳା ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ଅଞ୍ଚଳ ରେ ଓଡ଼ିଶା ଜୀବିକା ମିଶନରେ ଏମବିକେ ଭାବେ କାର୍ଯ୍ୟରତ ଅଛନ୍ତି। ନିର୍ମଳାଙ୍କୁ ଘଟଣା ସ୍ଥଳରୁ ବାଙ୍କୋଇ ଫାଣ୍ଡି ପୋଲିସ ସହାୟତାରେ ପ୍ରଥମେ ଚିକିତ୍ସା ପାଇଁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି।

## ଆକ୍ରମଣ ଘଟଣାରେ ଜଣେ ଗିରଫ

**ଜଟଣୀ, ୮।୨(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବାଛରାପାଟଣାରେ ଜଗନ୍ନାଥ ମନ୍ଦିରରେ ତାଲା ପଡ଼ିବା ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ଅପରାହ୍ନରେ ଗୋଟିଏ ଗୋଷ୍ଠୀର କିଛି ସଦସ୍ୟ ଅନ୍ୟ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଆଜି ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ବାଛରାପାଟଣାର ଅନିଲ ସେନାପତି ଓରଫ୍ ଇଲୁ (୨୭)। ଏ ନେଇ ଥାନାରେ ଏକ କେସ ନଂ ୪୨/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ଭୁଷଣ୍ଡପୁର, ୮।୨(ସମିସ):** ଟାଙ୍ଗୀ ଥାନା ଅଧୀନରେ ଥିବା ଭୁଷଣ୍ଡପୁର ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ବିନୋଦ ଚନ୍ଦ୍ର ପରିଡ଼ା ଯୋଗ ଦେଇଛନ୍ତି। ଶ୍ରୀ ପରିଡ଼ା ଏଏସଆଇ ଦାଶ ବାବୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଫାଣ୍ଡି ଅଞ୍ଚଳରେ ବ୍ୟାପକ ଚୋରାମଦ ବିକ୍ରୀ ହେଉଥିବାବେଳେ ଚୋରି, ଜୁଆ ମଧ୍ୟ ଚାଲିଥିବା ବିଗତ ଦିନର ଅପରାଧ ତାଲିକାରୁ ଜଣାପଡ଼ିଛି। ତେବେ ଚୋରାମଦ ବିକ୍ରୀ, ଚୋରି ଓ ଜୁଆ ଆଡା ଚଢାଉ କରି ରୋକିବା ନୂତନ ଫାଣ୍ଡି ଅଧିକାରୀଙ୍କ ଲାଗି ଚ୍ୟାଲେଞ୍ଜ ରହିବ।

କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ପ୍ରଫେସର ସଂଘମିତ୍ରା ମିଶ୍ରଙ୍କୁ କୁନ୍ତଳା କୁମାରୀ ସମ୍ମାନ

**ଖୋର୍ଦ୍ଧା, ୮।୨(ସମିସ)**



ଖୋର୍ଦ୍ଧାର ଗର୍ବ ଓ ଗୌରବ, ସାରସ୍ୱତ ବାଣୀଭଣ୍ଡାରର ଅନନ୍ୟ ସାଧିକା ଉତ୍କଳ ଭାରତୀ କୁନ୍ତଳା କୁମାର ସାବତଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଖାର୍ଦ୍ଧା ସାହିତ୍ୟ ସଂସଦ ସହଯୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଔପନ୍ୟାସିକ ଡ. ଦିବାକର ମାନସିଂହ ଯୋଗଦେଇ କୁନ୍ତଳା କୁମାରୀ ଓଡ଼ିଆ ସାହିତ୍ୟର ଜଣେ ସ୍ମରଣୀୟ ପ୍ରତିଭା। ସେ ଓଡ଼ିଶା ନାରୀଶକ୍ତିର ପ୍ରତୀକ ଓ ଖୋର୍ଦ୍ଧାମାଟିର ଗୌରବ ବୋଲି ସେ କହିଥିଲେ। ସାହିତ୍ୟ ସାଧିକା କୁନ୍ତଳାକୁମାରୀଙ୍କ ଅଞ୍ଜଳି ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି ଆଜି କବିତାଗ୍ରନ୍ଥ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ସଂଘମିତ୍ରା ମିଶ୍ର କୁନ୍ତଳା କୁମାରୀଙ୍କ ସନ୍ତାନମାନଙ୍କ ସହିତ ତାଙ୍କ ସମ୍ପର୍କ ଉନ୍ମୋଚନ କରିବା ସହିତ କଟକ ରେଭେନ୍ସା କଲେଜିଏଟ ସ୍କୁଲ ଓ ମେଡିକାଲ କଲେଜରେ ତାଙ୍କ ସାରସ୍ୱତ ପ୍ରତିଭା କିପରି ସ୍ଫୁରଣ ହୋଇଥିଲା ବର୍ଣ୍ଣନା କରିଥିଲେ। ଏଥିସହ ଆର୍ଯ୍ୟ ମହାସଂଘର ସଭାନେତ୍ରୀ ଓ ଜାତୀୟସ୍ତରୀୟ ପତ୍ରିକାର ସମ୍ପାଦିକା ଭାବେ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ପ୍ରଫେସର ମିଶ୍ର କହିଥିଲେ।

ଏହି ଅବସରରେ ବିଶିଷ୍ଟ ଉପନ୍ୟାସିକ ଡ.ପଦ୍ମଜ ପାଳ, କୁନ୍ତଳା କୁମାରୀଙ୍କ ପ୍ରତାରିତ ଜୀବନ ଆଲେଖ୍ୟ ସ୍ମରଣ କରିବା ସହ ନାରୀ ସମାଜ ପାଇଁ ତାଙ୍କ ବ୍ୟକ୍ତିତ୍ୱ ସବୁକାଳେ ସ୍ମରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ ଉତ୍କଳ ଭାରତୀଙ୍କ ଅନାଲୋଚିତ ଜୀବନ ଦର୍ଶନ ବର୍ଣ୍ଣନା କରିବା ସହ ତାଙ୍କ ସଂଘର୍ଷମୟ ଜୀବନ ଓ ସାରସ୍ୱତ ଯାତ୍ରା ସମ୍ପର୍କରେ ଚକ୍ରଧର ମହାପାତ୍ର ରଚନା କରିଥିବା ଅଭିମତ ଉପସ୍ଥାପିତ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ସଂଘମିତ୍ରା ମିଶ୍ରଙ୍କୁ ରାଜ୍ୟସ୍ତରୀୟ କୁନ୍ତଳା କୁମାରୀ ସାବତ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଏକାଡେମୀର କାର୍ଯ୍ୟକ୍ରମ ଓ କୁନ୍ତଳା କୁମାରୀ ସାବତଙ୍କ ସୃଜନଶୀଳତା ସମ୍ପର୍କରେ ସୂଚନା ପ୍ରଦାନ କରିବା ପରେ ଖୋର୍ଦ୍ଧା ସାହିତ୍ୟ ସଂସଦର ସମ୍ପାଦକ ବିଭୂ ପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ସଂସଦର ଉପସଭାପତି ଡାକ୍ତର ଯୋଗେଶ ଚନ୍ଦ୍ର ରଥ, ଭୀମସେନ ପ୍ରଧାନ, ଶ୍ୱେତପଦ୍ମାସିନୀ ମହାନ୍ତି, ଡ.ପ୍ରମୋଦ ଚନ୍ଦ୍ର ଦାଶ, ଡ.ପ୍ରଫୁଲ୍ଲ ସାମନ୍ତରାୟ, ବାସୁଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀର ସଞ୍ଜୟ କୁମାର ଛୁଆଳସିଂହ ଖୋର୍ଦ୍ଧା ର ପ୍ରାଚୀନ ସାହିତ୍ୟିକମାନଙ୍କ ଜନ୍ମତିଥି ଖୋର୍ଦ୍ଧା ସାହିତ୍ୟ ସଂସଦଙ୍କ ଜରିଆରେ ପାଳନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ କବୟତ୍ରୀ ଆରତୀ ମଞ୍ଜରୀ ଦାଶ, ଡ.ଚପଳା ପଣ୍ଡା ଓ ସୌଦାମିନି ପଟ୍ଟନାୟକ ଓ ଉପସଭାପତି ଇତିଶ୍ରୀ ସାହୁଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଶେଷରେ ଡ. ନିରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

■ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ

## ୧୦ରୁ ଘରକୁ ଘର ବୁଲି ଔଷଧ ଖୁଆଇବେ ସ୍ୱେଚ୍ଛାସେବୀ

**ଖୋର୍ଦ୍ଧା, ୮।୨(ସମିସ):** ଫାଇଲେରିଆ ନିରାକରଣ ଲାଗି ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ହେବ। ଜିଲ୍ଲାର ବେଗୁନିଆ ବ୍ଲକର ୨୧ ପଞ୍ଚାୟତ ସମେତ





ଭୁବନେଶ୍ୱର ମହାନଗର ନିଗମର ୧୨ଟି ୱାର୍ଡ ଏବଂ ଖୋର୍ଦ୍ଧା ପୌରପରିଷଦର ସମସ୍ତ ୱାର୍ଡରେ ଅନୁଷ୍ଠିତ ହେବ। ଏଥିପାଇଁ ୧୧୩୩ଡ୍ରଗ, ଆଡ଼ମିନିଷ୍ଟ୍ରେଟର (ଡିଏ) ନିୟୋଜିତ ହେବେ। ପ୍ରତ୍ୟେକ ଡ୍ରଗ ଆଡ଼ମିନିଷ୍ଟ୍ରେଟର ୫୦ରୁ ୬୦ ଘର ବୁଲି ଲୋକଙ୍କୁ ଡିଇସି ଓ ଆଲବେଣ୍ଡାଜଲ ବଟିକା ସେବନ କରାଇବେ ବୋଲି ବୁଧବାର ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଭାରପ୍ରାପ୍ତ ସିଡିଏମଓ ଡା. ରଘୁନାଥ ନାୟକ ସୂଚନା ଦେଇଛନ୍ତି। ୧୧୩୩ଡ୍ରଗ ଆଡ଼ମିନିଷ୍ଟ୍ରେରମାନଙ୍କ କାର୍ଯ୍ୟ ତଦାରଖ କରିବା ପାଇଁ ୧୧୨ସୁପରଭାଇଜର ମଧ୍ୟ ନିୟୋଜିତ ହେବେ। ଏଥିରେ ଆଶା, ଅଙ୍ଗନୱାଡିକର୍ମୀ ତଥା ଅନ୍ୟାନ ସ୍ୱେଚ୍ଛସେବୀମାନେ ଡ୍ରଗ ଆଡମିନିଷ୍ଟ୍ରେଟର ଭାବରେ ନିୟୋଜିତ ହେବେ। ସେମାନଙ୍କ ଅଧୀନରେ ଥିବା ୫୦ରୁ ୬୦ଘରର ସଦସ୍ୟମାନଙ୍କୁ ଦ୍ୱାର ଦ୍ୱାର ବୁଲି ୧୦ଦିନ ମଧ୍ୟରେ ଡିଇସି ଓ ଆଲବେଣ୍ଡାଜଲ ବଟିକାର ଗୋଟିଏ ମାତ୍ରା ଖୁଆଇବେ ବୋଲି କହିଥିଲେ। ବେଗୁନିଆ ବ୍ଲକ, ବିଏମସି ର ୧୨ୱାର୍ଡ ଏବଂ ଖୋର୍ଦ୍ଧା ପୌରପରିଷଦର ୩ଲକ୍ଷ ୮୧ହଜାର ୧୯୨ଜଣ ଜନସାଧାରଣଙ୍କୁ ୯ଲକ୍ଷ ୨୫ହଜାର ଡିଇସି ଓ ୩ଲକ୍ଷ ୮୨ହଜାର ଆଲବେଣ୍ଡାଜଲ ବଟିକା ଯୋଗାଇ ଦିଆଯାଇଛି।

ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ କୁମାର ଆଚାର୍ଯ୍ୟ କହିଥିଲେ, ଔଷଧ ସେବନ ପରେ ଯଦି କିଛି ଅସୁବିଧା ହୁଏ ସେମାନଙ୍କୁ ତୁରନ୍ତ ଚିକିତ୍ସା ଲାଗି ଜିଲ୍ଲାରେ ୯ଟି ଆରଆରଟି ଟିମ ଗଠନ କରାଯାଇଛି। ୟୁପି, ଚସି ଓ ସିଏଚସି, ସେକ୍ଟର କରାଯାଇ ସହରାଞ୍ଚଳର ସମେତ ଗାଁରେ ଲୋକଙ୍କୁ ଦ୍ୱାର ଦ୍ୱାର ବୁଲି ଔଷଧ ସେବନ କରାଯିବ। ଯେଉଁମାନେ ଏହି ଔଷଧ ସେବନ କରିବେ, ସେମାନଙ୍କ ଡାହାଣ ହାତର ବିଶି ଆଙ୍ଗୁଳିରେ ଏକ କଳା ରଙ୍ଗର ଚିହ୍ନ ଦିଆଯିବ ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜୋନାଲ ଅଧିକାରୀ ଡା. ଶ୍ୟାମବନ୍ଧୁ ରଥ, ଡିପିଏଚଓ ପ୍ରଶାନ୍ତ କୁମାର ଦାସ, ଡିପିଏଚସିଓ ପ୍ରସନ୍ନ ମହାପାତ୍ର, ଭିଭିଡି ପରାମର୍ଶଦାତା ସ୍ମୃତିରଞ୍ଜନ ରାଉତ, ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଉତ୍ସବରେ ୯ ଛାତ୍ରଛାତ୍ରୀ ଅସୁସ୍ଥ

**ନିରାକାରପୁର/ଭୁଷଣ୍ଡପୁର, ୮।୨(ସମିସ):** ଖୋର୍ଦ୍ଧାବ୍ଲକ ଅନ୍ତର୍ଗତ ଗୋଳବାଇ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ୭ତାରିଖ ଠାରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିବା



ବେଳେ କିଛି ଇଭେଣ୍ଟ ବାକି ରହିଯିବାରୁ ଗୁରୁବାର ସକାଳୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସକାଳ ୧୦ଟାରେ ୮ମ ଶ୍ରେଣୀର ଛାତ୍ରୀ ସ୍ନେହରାଣୀ ସାମନ୍ତରାୟ ନିଜର ଇଭେଣ୍ଟ ସାରିବା ପରେ ପ୍ରବଳ ବାନ୍ତି କରିଥିଲେ। ଏହାପରେ ଛାତ୍ରୀ ଆଦ୍ୟାଶା ଦାସ୍, ପିଙ୍କି ସ୍ୱାଇଁ, ମଧୁସ୍ମିତା ଗ୍ରାଣ, ସୋନାଲି ନାୟକ, ରାଜଲକ୍ଷ୍ମୀ ସ୍ୱାଇଁ ଏଭଳି ୯ ଜଣ ଛାତ୍ରଛାତ୍ରୀ ଖେଳପଡ଼ିଆରେ ଅସୁସ୍ଥ ହୋଇପଡଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ଲାଗି ପ୍ରଥମେ ଖୋର୍ଦ୍ଧା ହସ୍ପିଟାଲକୁ ସ୍ଥାନାନ୍ତିତ କରିଥିଲେ। ସେଠାରେ ଡାକ୍ତର ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଛାତ୍ରଛାତ୍ରୀ ମାନେ ନର୍ଭସରେ ଏଭଳି ଘଟଣା ଘଟିଛି ବୋଲି କହିଥିଲେ।

## ବ୍ଲକ୍‌ସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ

**ବେଗୁନିଆ, ୮।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହେବା ପରେ ବ୍ଲକସ୍ତରୀୟ ଶ୍ରୀମନ୍ଦିର ପରିଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିରେ ୧୦ଗୋଟି ବସ ଯୋଗେ ୪୨୦ ଜଣ ଯାତ୍ରୀ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି। ବିଡ଼ିଓ ଲକ୍ଷ୍ମୀଧର ସାହୁପତାକା ଜଳାଇ ଉଦଘାଟନ କରିଥିବାବେଳେ କାର୍ଯ୍ୟକ୍ରମକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ ପରିଚାଳନା କରିଥିଲେ।

## ଲିଜ୍ ଖଣିରୁ ଚୋରି; ଥାନାରେ ଅଭିଯୋଗ

**ଖୋର୍ଦ୍ଧା, ୮।୨(ସମିସ):** ଖୋର୍ଦ୍ଧାସଦରଥାନା ଅନ୍ତର୍ଗତ ଏକ ଲିଜ ଖଣିରୁ କିଛି ଖଣିମାଫିଆ ଲିଜଧାରୀଙ୍କ ଅଗୋଚରରେ ଚୋରି କରି ଲକ୍ଷାଧିକ ଟଙ୍କା କମାଉଥିବା ଥାନାରେ ଲିଜଧାରୀ ଦୁର୍ଗାପୁର ଗ୍ରାମର ମାଳତୀ ରାଉତରାୟ ଅଭିଯୋଗ କରିଛନ୍ତି।



ଅଭିଯୋଗ ଅନୁସାରେ, କାଇପଦର ମୌଜା ର ଖାତା ନଂ ୮୩୯, ପ୍ଲଟ ୩୫୦୨ (ଅଂଶ) ଏରିଆ ଏ ୧.୦୦୦ଡ଼ି କୁ ମାଳତୀ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ କାର୍ଯ୍ୟ କରିବା ପାଇଁ ଆଦେଶ ପାଇଥିଲେ। ଏନେଇ ପ୍ରଶାସନ ପକ୍ଷରୁ ତାଙ୍କୁ ୱାଇ- ଫର୍ମ ଯୋଗାଇ ଦିଆଯାଇଥିଲା। ଖଣିରୁ ପଥର ଉତୋଳନ କରି ଖଣି ବାହାରକୁ ପଥର ଚାଲାଣ କରିବା ପାଇଁ ଲିଜଧାରୀ ସୁରୁଖୁରୁରେ କିଛି ଦିନ କାମ କରିଥିଲେ। ଜିଲ୍ଲା ପ୍ରଶାସନ କିମ୍ବା ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଖଣି ବନ୍ଦ ରଖିବା ପାଇଁ ଲିଖିତ ଭାବରେ କୌଣସି ନିର୍ଦ୍ଦେଶ ନଦେଇ ଖଣିରେ ମାଟି କାମ ଚାଲୁଥିବା ସମୟରେ ସଦର ଥାନା ଅଧିକାରୀ ପହଞ୍ଚି କାର୍ଯ୍ୟରତ ମେସିନ୍ ଓ ଗାଡ଼ିକୁ ଜବତ କରି ତାଙ୍କ ନାଁ ରେ ୨୧୯/୨୦୨୨ ରେ ଏକ ମାମଲା ରୁଜୁ କରିଥିଲେ। ସେବେଠାରୁ ମାଳତୀ ଖଣି ଖନନ ବନ୍ଦ ରଖିଥିଲେ। କିନ୍ତୁ କିଛି ପଥର ମାଫିଆ ଏବେ ମଧ୍ୟ ଉକ୍ତ ଖଣିକୁ ତାଙ୍କ ଅଗୋଚରରେ ଜୋର ଜବରଦସ୍ତ ଚଲାଇ ପଥର ଚୋରାରେ ବାହାରକୁ ଟ୍ରକ୍ ଓ ଟ୍ରିପର ଯୋଗେ ବିକ୍ରି କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ମାଫିଆମାନେ କମ୍ପ୍ରେସର ଓ ଗାଡି ଲଗାଇ ଦିନତମାମ ଲୁଟ କରୁଥିବା ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଅଭିଯୋଗରେ ଖଣିର ନାମ କିମ୍ବା ଚୋରାଚାଲାଣ କରୁଥିବା ଲୋକଙ୍କ ନାଁ ନଥିବା ଘଟଣା ଅଭିଯୋଗକୁ ରୋଚକ ମୋଡ ଦେଉଛି। ଖଣିରେ ବିଗତ ଦିନରେ ଏକ୍ସେସ ମାଇନିଂ ଅଭିଯୋଗ ହୋଇଥିବାବେଳେ ଏହାକୁ ରୋକିବା ଲାଗି ଏହି ଅଭିଯୋଗ ନୁହେଁତ ବୋଲି ର୍ଚ୍ଚା ଜୋର ଧରିଛି।

● 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ନିରାକାରପୁର, ୮।୨(ସମିସ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଂଯୋଜିକା ଶ୍ରୀମୟୀ ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କ ନିକଟରେ ପହଁଞ୍ଚାଇବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରେସ୍ମା ଟେଟେ, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ବିବେକ ବେହୁରା, ଟାଙ୍ଗୀ ବ୍ଲକ ପ୍ରକଳ୍ପ ପ୍ରବନ୍ଧକ ପ୍ରକାଶ କୁମାର ବଳିଆରସିଂହ, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ୧୨ ନଂ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମାଜସେବୀ ଶୁଭମ ଦାଶ, ନିରାକାରପୁର ସରପଞ୍ଚ କାଦମ୍ବିନୀ ବେହେରା, ସମିତି ସଭ୍ୟା ଲୋପାମୁଦ୍ରା ଦାଶ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ବରିଷ୍ଠ ନାଗରିକ ରାମକୃଷ୍ଣ ପଟ୍ଟନାୟକ ଓ କୃଷି ଅଧିକାରୀ ସଞ୍ଜୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନିଜେ ପ୍ରସ୍ତୁତ କରିଥିବା ବିଭିନ୍ନ ଖାଦ୍ୟ ପଦାର୍ଥ ଓ ସାମଗ୍ରୀକୁ ପ୍ରଦର୍ଶନ କରିଥିଲେ। ଏହି ସଭାରେ ଏକ ହଜାରରୁ ଅଧିକ ମହିଳା ଯୋଗଦାନ କରିଥିବାର ଜଣାପଡ଼ିଛି।

● ଖୋଲିଲା ମା' ଭଗବତୀ ମନ୍ଦିରର ଭିତର ହୁଣ୍ଡି

## ସଂଗୃହୀତ ହେଲା ୧ଲକ୍ଷ ୯୪ହଜାର ୫ଶହ ୭୫ଟଙ୍କା

**ବାଣପୁର, ୮।୨(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ମନ୍ଦିର ହୁଣ୍ଡି ଦୀର୍ଘ ୫ମାସର ବ୍ୟବଧାନ ପରେ ଖୋଲାଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ସ୍ଥାନୀୟ ତହସିଲଦାର ଟି. ପଦ୍ମନାଭ ଦୋରା, ଥାନା ଏସ୍ଆଇ ସଞ୍ଜୟ କୁମାର ପାତ୍ର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ପ୍ରମୁଖ ଉପସ୍ଥିତ ରହି ମା' ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା ପରେ ସମର୍ପୀତ ହୋଇ ମା' ଙ୍କ ଭିତର ହୁଣ୍ଡି ବାକ୍ସ ଖୋଲି ଥିଲେ। ଉକ୍ତ ହୁଣ୍ଡି ବାକ୍ସରୁ ସମୁଦାୟ ୧ଲକ୍ଷ ୯୪ହଜାର ୫ଶହ ୭୫ ଟଙ୍କା ସହ ମଇଳା ଓ ପଥର ଥାଇ ୧୮ କ୍ୟାରେଟ୍ ବିଶିଷ୍ଟ ୬୧୦ ମିଲିଗ୍ରାମ ଓଜନର ଏକ ସୁନାର କାନଫୁଲ, ୯



ଗ୍ରାମ ୭୧୦ ମିଲିଗ୍ରାମ ଓଜନର ଏକ ରୂପାର ଖଡୁ ତଥା ବଳା ଏବଂ ୧୬୦ ମିଲିଗ୍ରାମର ଏକ ରୂପାର ଆଖି ଆଦି ଅଳଙ୍କାର ସଂଗ୍ରହ କରାଯାଇଥିଲା। ହୁଣ୍ଡିରୁ ମିଳିଥିବା ସମସ୍ତ ଅର୍ଥକୁ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମା'ଙ୍କ କାର୍ଯ୍ୟାଳୟ ନାମରେ ଥିବା ଜମା ଖାତାରେ ଜମା ରଖାଯିବା ସହିତ ସୁନାରୂପା ଅଳଙ୍କାର ସବୁକୁ କାର୍ଯ୍ୟାଳୟ ଟ୍ରେଜେରୀରେ ରଖାଯାଇଛି। ଏହି କାର୍ଯ୍ୟରେ କାର୍ଯ୍ୟାଳୟର କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ମିଶ୍ର, ଅଶ୍ୱିନୀ କୁମାର ମିଶ୍ର, କମଳ ମିଶ୍ର, ମନ୍ଦିର ପୂଜକ ପ୍ରକାଶ ଚନ୍ଦ୍ର ପରିଛା ସାଆନ୍ତ ଓ ପାଳିଆ ମାଳି ସେବକ ଗୋପୀ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲ। ଏହି ଦାନ ଅର୍ଥ ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ସେବାରେ ଲାଗିବ ବୋଲି ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୁଚନା ମିଳିଛି।

● ନୀଳାମ୍ବୁ ମହୋତ୍ସବର ଷଷ୍ଠ ସନ୍ଧ୍ୟା

## ମନ କିଣିଲା ପୁରୁଲିଆ ଛଉ ନୃତ୍ୟ



**ଟାଙ୍ଗୀ, ୮।୨(ସମିସ):** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନିୟ ଚିଲିକା ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଭରପୁର ଦର୍ଶକ ପଶ୍ଚିମବଙ୍ଗ ପୁରୁଲିଆର ଗଣେଶ ଝୋ ଡ୍ୟାନ୍ସ, କଳାହାଣ୍ଡି ର ମୃନମୟି ସାଂସ୍କୃତିକ ସମାଜ ର ଚୁଟକୁଚୁଟା ଡ୍ୟାନ୍ସ ଦର୍ଶକଙ୍କୁ ସେମାନଙ୍କର କଳାଚାତୁରି ମନ୍ତ୍ରମୁଗ୍ଧ କରିଥିଲା। ଟାଙ୍ଗୀବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହୋତ୍ସବ ର ଜନକ ତଥା ପୂର୍ବତନ ଖୋର୍ଦ୍ଧା ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ତାପଙ୍ଗ ଦଳବେହେରା ସ୍ମୃତି କମିଟିର ସଭାପତି ଇଂଜିନିୟର ଶିଶିର ନାୟକ, ଟାଙ୍ଗୀ ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ବେହେରା ପ୍ରମୂଖ ଅତିଥି ଭାବେ ଯୋଗଦେଇଥିବାବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ କୁମାର ପାଇକରାୟ, ସନ୍ଦିପନି ମିଶ୍ର, ରାମଚନ୍ଦ୍ର ପରିଡ଼ା, ମନୋଜ ନାଇଡୁ, ପ୍ରଦିପ୍ କୁମାର ସାହୁ ପ୍ରମୂଖ। ଉଦଘୋଷକ ଭାବେ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ନିଳାମ୍ବୁ ମହୋତ୍ସବ ର ଆଜି ଦିନରେ ବିଭିନ୍ନ ଷ୍ଟଲ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ବେସ ଭିଡ ଦେଖିବାକୁ ମିଳିଥିଲା।

## ଓଡ଼ିଶା ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଜାତୀୟ ମହିଳା ସମ୍ମେଳନ

**ବାଲୁଗାଁ, ୮।୨(ସମିସ)**

ଆଜିର ସମାଜରେ ମହିଳାଙ୍କ ପ୍ରତି ହେଉଥିବା ହିଂସାର ପ୍ରତିହିତ ଉଦ୍ଦେଶ୍ୟରେ ଓଡ଼ିଶା ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ଜାତୀୟ ମହିଳା ସମ୍ମେଳନ-୨୦୨୪

### ଯୋଗଦେଲେ ଅଲିମ୍ପିୟାଡ଼ ଦ୍ୟୁତି ଚାନ୍ଦ





ବାଲୁଗାଁ ଉମାମହେଶ୍ୱର ବଣିକ ସଂଘ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ତରଫରୁ ଅପରାହ୍ନରେ ମା' ଉତ୍ତରାୟଣୀ ମନ୍ଦିର ନିକଟରୁ ବହୁ ମହିଳା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଅଶୋକ ନଗର ବଣିକ ସଙ୍ଘ ସଭା ସ୍ଥଳ ରେ ପହଁଚି ଥିଲେ। ଆୟୋଜିତ ସମ୍ମିଳନୀ ସଭାର ସଭାପତି ସାମାଜିକ କର୍ମୀ ମାନସୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ଅଲିମ୍ପିୟାଡ଼ ଦ୍ୟୁତି ଚାନ୍ଦ ଯୋଗ ଦେଇ ନିଜ ଜୀବନର ସଂଘର୍ଷମୟ କାହାଣୀ ବର୍ଣ୍ଣନା କରିବା ସହ ନିଜର ଆତ୍ମବିଶ୍ୱାସ, ଦୃଢ ମନୋବଳ ଓ କଠିନ ପରିଶ୍ରମ ହିଁ ସଫଳତାର ମାପକାଠି, ଯାହା ଦ୍ୱାରା ତାଙ୍କ ଜୀବନ ରେ ସେ ଏଭଳି ସଫଳତା ତଥା ସମ୍ମାନ ପାଇଛନ୍ତି ବୋଲି କହିଥିଲେ।

ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପିକା ସୁଜାତା ପ୍ରଧାନ, ବରିଷ୍ଠ ଆଇନଜୀବୀ ଗୌରୀଶଙ୍କର ଷଡ଼ଙ୍ଗୀ, ବାଲୁଗାଁ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡକ୍ଟର କଳ୍ପନା ଦାଶ ଓ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମାଜ ରେ ପ୍ରତ୍ୟେକ ବ୍ୟକ୍ତି ମହିଳାଙ୍କ ଅଧିକାର ସମ୍ପର୍କରେ ସଚେତନ ହେବା ସହ ମହିଳାଙ୍କ ପ୍ରତି ହେଉଥିବା ହିଂସାର ପ୍ରତିହିତ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଦ୍ୟୁତି ଚାନ୍ଦଙ୍କୁ ଇଣ୍ଟରନ୍ୟାସନାଲ ୟୁଥ ଆଇକନ ଭାବେ ସମ୍ମାନିତ କରାଯାଇଥିବାବେଳେ ଜାତୀୟ ସେବା ଯୋଜନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଦାଶ, ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଗୁରୁ ସୁଜାତା ମହାପାତ୍ର, ନୃତ୍ୟ ଶିଳ୍ପୀ ବୈଶାଳୀ ମହାନ୍ତି, ସମାଜସେବୀ ଚାରୁଲତା ମହାନ୍ତି ଓ ଶ୍ରେଷ୍ଠ ଏନ୍‌ସିସି କ୍ୟାଡେଟ ଗଙ୍ଗୋତ୍ରୀ ପ୍ରଧାନଙ୍କୁ ମୁଖ୍ୟ ଅତିଥି ଦ୍ୟୁତି ଚାନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅଶୋକ ପଟ୍ଟନାୟକ ସଞ୍ଚାଳନ କରିଥିବା ବେଳେ ନୃତ୍ୟ ଗୁରୁ ସୁଜାତା ମହାପାତ୍ର ଓ ଗ୍ରୁପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

